## ସଂକ୍ଷେପରେ

### ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ ଜେଲ

ଛତ୍ରପୁର, ୨୪।୫ (ଦିଲୀପ ସାମଲ): ୨୦୧୯ ମସିହାରେ ଛତ୍ରପୁର ଥାନା ଅନ୍ତର୍ଗତ କରାତଳି ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ଏକ ମାମଲାର ବିଚାର କରି ଗୁରୁବାର ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ ରାୟ ପ୍ରକାଶ କରିଛନ୍ତି। ବିଚାରପତି ମନୋରଞ୍ଜନ ଦାଶ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସ୍ତ୍ରୀ ଝିଲି ଖୁଣ୍ଟିଆଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଦେବରାଜ ଖୁଣ୍ଟିଆକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୂଚନାନୁସାରେ, ଗତ ୨୦୧୯ ଡିସେମ୍ବର ୩୧ରେ ଛତ୍ରପୁର ଥାନା କରାତଳି ଗ୍ରାମର ଦେବରାଜ ଖୁଣ୍ଟିଆ କୌଣସି କାରଣକୁ ନେଇ ସ୍ତ୍ରୀ ଝିଲିଙ୍କୁ ହତ୍ୟା କରିଥିଲେ। ଏନେଇ ଛତ୍ରପୁର ଥାନାରେ ୩୪୮/୨୦୧୯ରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ପରେ ଦେବରାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ରମେଶ ଚନ୍ଦ୍ର ଚୌଧୁରୀ ମାମଲା ପରିଚାଳନା କରିଥିବା ବେଳେ ସୀମାଞ୍ଚଳ ମହାପାତ୍ର ସହଯୋଗ କରିଥିଲେ।

### ବାଣ ନିଆଁରେ ଜଣେ ଗୁରୁତର, ୭ ଆହତ

ହିଞ୍ଜିଳିକାଟୁ, ୨୪।୫( ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଶ୍ରୀଲକ୍ଷ୍ମୀନୃସିଂହ ଯାତ୍ରାରେ ଗୁରୁବାର ରାତିରେ ଅଘଟଣ ଘଟିଛି। ବାଣ ଫୁଟାଇବା ବେଳେ ନିଆଁଲାଗି ୭ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଅଛନ୍ତି। ଗୁରୁତର ଆହତ ଖଡଭାଗ ଗ୍ରାମର ରାମଚନ୍ଦ୍ର ବେହେରା କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ହିଞ୍ଜିଳିକାଟୁ ଲକ୍ଷ୍ମୀନୃସିଂହ ଯାତ୍ରାର ୨ୟ ଦିନ କେଉଟ ବାଡ଼ ପକ୍ଷରୁ ଯାତ୍ରା ପରିଚାଳନା କରାଯାଇଥିଲା। ରାତିରେ ରାଜବାଟୀ ସମ୍ମୁଖ ପଡ଼ିଆରେ ପରମ୍ପରା ଅନୁଯାୟୀ ବାଣଫୁଟା ଯାଇଥିଲା। କୌଣସି ଏକ ବାଣରୁ ନିଆଁଝୁଲ ଖସି ଲୋକଙ୍କ ଉପରେ ପଡ଼ିଥିଲା। ପରେ ଫୁଟି ଯିବାରୁ ରାମଚନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସେ ଯାତ୍ରା ଦେଖିବାକୁ ମାମୁଘର ଗୋପବନ୍ଧୁ ମାର୍ଗକୁ ଆସିଥିଲେ। ବାଣ ନିଆଁ ଲାଗି ଆଉ ୭ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରାମଚନ୍ଦ୍ରଙ୍କୁ ଅଧିକ ଚିକିତ୍ସା ଲାଗି ସେଠାରୁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

ଜି.ଉଦୟଗିରି, ୨୪।୫( ଶିଶିର ପଟ୍ଟନାୟକ): କଳିଙ୍ଗା ରେଡୁଡି ଠାରେ ଗୁରୁବାର ରାତିରେ ଚିକେନ୍ଦ୍ର ପ୍ରଧାନଙ୍କୁ ଏକ ହାତୀ ଶୁଣ୍ଢରେ ଠେଲି ଦେବା ଫଳରେ ସେ ଆହତ ହୋଇଛନ୍ତି। ତାଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତ ୯ ଦିନ ହେଲା ଏହି ଅଞ୍ଚଳରେ ୨୫ ଟିକିଆ ହାତୀପଲ ଗ୍ରାମରେ ପଶି ଫସଲ ଖାଉଥିଲେ। ଗ୍ରାମବାସୀଙ୍କ ସହ ମିଶି ଚିକେନ୍ଦ୍ର ହାତୀ ଘଉଡାଇବା ସମୟରେ ହାତୀ ଆକ୍ରମଣର ଶିକାର ହୋଇଛନ୍ତି।

### ପୋଲିସର ଚଢ଼ାଉ, ୩ ଗିରଫ

ଧରାକୋଟ, ୨୪।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିକ୍ରମ କେଶରୀ ସ୍ୱାଇଁ, ରାଜା ନାଇକ ଓ ତ୍ରିଲୋଚନ ଡାକୁଆ। ଜାହାଡ଼ା ଗ୍ରାମର ବିକ୍ରମ ଖଣ୍ଡାଧରି ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗ ହୋଇଥିଲା। ପୋଲିସ ଖଣ୍ଡା ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ଥାନାରେ ନଂ.୧୬୪/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ଜାହାଡ଼ା ଗାଁ ମୁଣ୍ଡରୁ ଚୋରା ଦେଶୀ ମଦ ଚାଲାଣ କରୁଥିବା ବେଳେ କେନ୍ଦୁପଦର ଗାଁର ରାଜା ଓ ଗୁଡ଼ିବନ୍ଧ ଗ୍ରାମର ତ୍ରିଲୋଚନଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୬ଟି ଜାର୍କିନ, ୩ ବସ୍ତା ପାଉଚ ମଦ ଜବତ କରାଯାଇଛି । ଏ ସମ୍ପର୍କରେ ନଂ.୧୬୫/୨୪ରେ ମାମଲା ରୁଜୁ କରାଯାଇଛି।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

ପାତ୍ରପୁର, ୨୪।୫(ଉମା ଚରଣ ନେପାକ) ପାତ୍ରପୁର କରୁଣାକର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଲୋହି ଦାସଙ୍କ ଗତ ବୁଧବାର ମୃତ୍ୟୁ ଘଟିଛି। ମୃତ ଶିକ୍ଷକଙ୍କ ପରିବାରକୁ ଶୁକ୍ରବାର ଗୁରୁ କଲ୍ୟାଣ ପାଣ୍ଠି ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ତାଙ୍କ ପରିବାରକୁ ଗୁରୁ କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଧାନ ଶିକ୍ଷକ କବିରାଜ ଦାସଙ୍କର ସହିତ ଅନ୍ୟାନ୍ୟ ଶିକ୍ଷକ ତାଙ୍କର ପାତ୍ରପୁରସ୍ଥିତ ଘରେ ପହଞ୍ଚି ପ୍ରଦାନ କରିଛନ୍ତି। ଶିକ୍ଷକ ଦାସ ଛାତ୍ରବତ୍ସଳ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଛାତ୍ରୀଛାତ୍ର ଦୁଃଖ ପ୍ରକାଶ କରିଛନ୍ତି।

# ଘୁମୁସର ବନଖଣ୍ଡରେ ୮୧ ହାତୀ



ଆସିକା ବନାଞ୍ଚଳରେ ହାତୀ ଗଣନାରେ ନିୟୋଜିତ କର୍ମଚାରୀ।

ଭଞ୍ଜନଗର/ଆସିକା, ୨୪।୫ (ବାବୁଲା ପ୍ରଧାନ/ ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡ ଏବଂ ଘୁମସର ଦକ୍ଷିଣ ବନଖଣ୍ଡରେ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ହାତୀ ଗଣନା ଶୁକ୍ରବାର ଶେଷ ହୋଇଛି। ଘୁମୁସର ଉତ୍ତର ବନଖଣ୍ଡରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବିଭିନ୍ନ ରେଞ୍ଜରେ ୬୨ଟି ହାତୀ ଦେଖିବାକୁ ମିଳିଛି। ସେହିଭଳି ଘୁମୁସର ଦକ୍ଷିଣ ବନଖଣ୍ଡରେ ୧୯ଟି ହାତୀ ଦେଖିବାକୁ ମିଳିଛି। କିଛିବର୍ଷ ହେବ ପଡ଼ୋଶୀ ବନଖଣ୍ଡ ଅପେକ୍ଷା ଏହି ଦୁଇ ବନଖଣ୍ଡ ହାତୀମାନଙ୍କ ସୁରକ୍ଷିତ ବାସସ୍ଥଳୀ ପାଲଟିଥିବା ଜଣାପଡ଼ିଛି। ତେଣୁ ଏହି ବନଖଣ୍ଡକୁ ଆସୁଥିବା ହାତୀମାନେ ପଡ଼ୋଶୀ ବନଖଣ୍ଡକୁ ଗଲେ ମଧ୍ୟ ପୁଣି ଏହି ବନଖଣ୍ଡକୁ କିଛି ଘଣ୍ଟା ପରେ ଫେରିଆସୁଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା

## ଆସିକା ବନାଞ୍ଚଳରେ ହାତୀ ଗଣନା

ମିଳିଥିବା ଖବର ଅନୁସାରେ ଘୁମୁସର ଉତ୍ତର ବନଖଣ୍ଡ ମୁଜାଗଡ଼ ରେଞ୍ଜରେ ୨୫ଟି ହାତୀ ଥିବା ବେଳେ ତାରସିଂ ରେଞ୍ଜରେ ୫ ଏବଂ ଜଗନ୍ନାଥପ୍ରସାଦ ରେଞ୍ଜରେ ୩୨ଟି ହାତୀ ଥିବା ଜଣାପଡ଼ିଛି। ସେହିଭଳି ଦକ୍ଷିଣ ଘୁମୁସର ବନଖଣ୍ଡ ଆସିକା ରେଞ୍ଜର ଷଡ଼ଙ୍ଗୀପଲ୍ଲୀ ଜଙ୍ଗଲରେ ୫ ଏବଂ ସୋରଡ଼ା ରେଞ୍ଜର ପଣ୍ଡାଖୋଲ ଜଙ୍ଗଲରେ ୧୪ଟି ହାତୀ ଥିବା ଜଣାପଡ଼ିଛି। ହାତୀ ଗଣନା ସମୟରେ ଛୁଆ, ମାଈ, ମାଖନା ଏବଂ ଦନ୍ତା ହାତୀ ଉପରେ ଗଣନା ହୋଇଥାଏ। ଏହି ଦୁଇ ବନଖଣ୍ଡରେ ଗଣନା ସମୟରେ ମାଖନା ହାତୀ ଥିବା କେଣସି ସୂଚନା ନାହିଁ। ବନଖଣ୍ଡସ୍ତରୀୟ ରିପୋର୍ଟକୁ ଆରସିସିଏଫସ୍ତରରେ ସମସ୍ତ ବନଖଣ୍ଡକୁ ମିଶାଇ ଗଣନା କରାଯିବ। ଏହାପରେ ସମସ୍ତ ଆରସିସିଏଫ୍‌ଙ୍କ ରିପୋର୍ଟକୁ ଭିତ୍ତିକରି ରାଜ୍ୟସ୍ତରରେ କେତେ ହାତୀ ଅଛନ୍ତି ଚୁଡ଼ାନ୍ତ ହେବ। ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପୂର୍ବରୁ ଯେଉଁ ୧୯ଟି ହାତୀ ଥିଲା ଗଣନା ସମୟରେ ହିଁ ସେତିକି ହାତୀକୁ ଠାବ କରାଯାଇଛି। ସେହିଭଳି ଘୁମୁସର ଉତ୍ତର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି ଯେ, ଏହି ବନଖଣ୍ଡରେ ହାତୀମାନେ ସୁରକ୍ଷିତ ରହିଲା ଭଳି ଜଙ୍ଗଲ ଅଛି। ତେଣୁ ପୂର୍ବ ଅପେକ୍ଷା ହାତୀ ସଂଖ୍ୟା ବୃଦ୍ଧିପାଇଛି। ସୂଚନାଯୋଗ୍ୟ ଯେ, ୨୦୧୭ରେ ଗଞ୍ଜାମ ଜିଲା ବ୍ରହ୍ମପୁର ବନଖଣ୍ଡରେ ୧୧, ଘୁମୁସର ଉତର ବନଖଣ୍ଡରେ ୧୭ ଏବଂ ଘୁମୁସର ଦକ୍ଷିଣ ବନଖଣ୍ଡରେ ୨୫ଟି ହାତୀ ଥିଲେ। ବର୍ତ୍ତମାନ ହାତୀ ସଂଖ୍ୟା ବହୁତ ବଢ଼ିଯାଇଛି। ତେଣୁ ଏହି ବନଖଣ୍ଡକୁ ଅନ୍ୟ ବନଖଣ୍ଡରୁ ହାତୀ ଆସିଥାଇପାରନ୍ତି। ରାଜ୍ୟରେ ବାର୍ଷିକ ହାରାହାରି ୭୫ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ କାରଣ ଯୋଗୁ ମୃତ୍ୟୁବରଣ କରୁଛନ୍ତି। ୨୦୧୭ ପରଠୁ ଇତିମଧ୍ୟରେ ଅନେକ ହାତୀ ଛୁଆ ଜନ୍ମ ହୋଇଛନ୍ତି। ତେଣୁ ରାଜ୍ୟରେ ହାତୀ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଅନ୍ୟପଟେ ଏହି ଦୁଇ ବନଖଣ୍ଡରେ ହାତୀମାନେ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ଦୁଇ ବନଖଣ୍ଡ ପକ୍ଷରୁ ବିଭିନ୍ନ ସମୟରେ ମିଳିତ ଭାବେ ପଦକ୍ଷେପ ନିଆଯାଉଛି। ସେହିପରି ଆସିକା ବନାଞ୍ଚଳରେ ଗତ ୩ଦିନ ଧରି ହାତୀ ଗଣନା କରାଯାଇଛି। ବୁଧବାର ଏହି ବନାଞ୍ଚଳର ଷଡଙ୍ଗିପଲ୍ଲୀ ସେକ୍ସନ ଅନ୍ତର୍ଗତ ବାଦପୁର ବିଟରେ ୫ଟି ହାତୀ ରହିଥିବା ଗଣନାକାରୀ ବନ ବିଭାଗ କର୍ମଚାରୀଙ୍କ ଦୃଷ୍ଟିକୁ ଆସିଥିଲା। ସେଥିମଧ୍ୟରେ ୪ଟି ମାଈ ଓ ଗୋଟିଏ ଦନ୍ତା ହାତୀ ରହିଛି। ଶୁକ୍ରବାର ଗଣନା ବେଳେ ଏହି ହାତୀ ଆଉ ଦେଖାଯାଇ ନ ଥିବା ବେଳେ ଏହା ପୋଡାମାରି ସଂଲଗ୍ନ ଲଖାରୀ ଜଙ୍ଗଲକୁ ଚାଲିଯାଇଥିବା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଆସିକା ବନାଞ୍ଚଳରେ ହାତୀ ନ ଥିଲା ବେଳେ ବିଭିନ୍ନ ସମୟରେ ପୋଡାମାରି ଅଞ୍ଚଳରୁ ହାତୀ ଆସିଥାନ୍ତି। ତେଣୁ ବାଦପୁର ବିଟରେ ଦେଖାଯାଇଥିବା ହାତୀ ପୋଡାମାରୀ ଜଙ୍ଗଲରୁ ଆସିଥିଲା ବେଳେ ପୁଣି ସେଠାକୁ ଫେରିଯାଇଥିବା ସେ ସୂଚନା ଦେଇଛନ୍ତି।

# ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମନ୍ଦିର ପ୍ରତିଷ୍ଠାସ୍ଥଳରେ କଳସଧାରୀ ମହିଳା। ।

ଆସିକା, ୨୪।୫ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ମଣ୍ଡାପଡା ଗ୍ରାମରେ ଶୁକ୍ରବାରଠାରୁ ମା' କାମାକ୍ଷୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏଥିସହ ବ୍ରହ୍ମେଶ୍ୱର ମହାଦେବ ଓ ରତ୍ନମାଳି ମନ୍ଦିରର ଜିର୍ଣ୍ଣୋଧାର ସଂସ୍କାର ଉତ୍ସବ ମଧ୍ୟ ହେଉଛି । ଶୁକ୍ରବାର ସକାଳେ ଗ୍ରାମର ଶତାଧିକ ମହିଳା ଋଷିକୂଲ୍ୟା ନଦୀ କେନ୍ଦୁପଦର ଘାଟରୁ ଜଳକଳସ ଆଣି ପ୍ରତିଷ୍ଠାସ୍ଥଳକୁ ଆସିଥିଲେ । ସେଠାରେ ଅଖଣ୍ଡ ଦୀପ ସ୍ଥାପନ, ବ୍ରାହ୍ମଣବରଣ, ସୂର୍ଯ୍ୟପୂଜା, ଶାଳା ସଂସ୍କାର, ବନଜାଗ, କୁଣ୍ଡପୂଜା, ପାର୍ବତ୍ୟାଗ୍ନି ସ୍ଥାପନ, ଇନ୍ଦ୍ରଇନ୍ଦ୍ରାଣୀ ସ୍ନାନ ଓ ପ୍ରାଣ ପ୍ରତିଷ୍ଠା ସାଙ୍ଗକୁ ନାମଯଜ୍ଞ ଲାଗି ଅଧିବାସ ହୋଇଥିଲା । ସପ୍ତାହେ ବ୍ୟାପି ଏହି କାର୍ଯ୍ୟକ୍ରମରେ ନାମଯଜ୍ଞ, ଘୃତଯଜ୍ଞ, ଜ୍ଞାନଯଜ୍ଞ, ଗୋଯଜ୍ଞ ଓ ଅନ୍ନଯଜ୍ଞ ଆଦି ହେବ । ପଣ୍ଡିତ ଶିଶିର କୁମାର ତ୍ରିପାଠୀ ଓ ପଣ୍ଡିତ ରାଧାକୃଷ୍ଣ ପାଢୀଙ୍କ ପୌରହିତ୍ୟରେ ପୂଜାର୍ଚ୍ଚନା ଓ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହେବ । ଜଳକଳସ ଯାତ୍ରାରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସହ ମନ୍ଦିର ପ୍ରତିଷ୍ଠା କମିଟିର ସଭାପତି ରୋହିତ ଖଟାଇ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବରାଡ, ଜିତେନ୍ଦ୍ର କୁମାର ଚୌଧୁରୀ, ଗ୍ରାମସଭାପତି ଗଜପତି ନାହାକ, ସଂପାଦକ ରଙ୍ଗନାଥ ବିଶ୍ୱାଳ, ନାରାୟଣ ସାହୁ, ବୁଲୁ ଖଟାଇ, ସୁନିଲ କୁମାର ଖଟାଇ, ମିଟୁ ଜେନା, ରଞ୍ଜିତ କୁମାର ବିଶ୍ୱାଳ, ସୋମନାଥ ବିଷୋୟୀ, ନବଘନ ସାହୁ, ଈଶ୍ୱର ବିଶ୍ୱାଳ, ଈଶ୍ୱର ସ୍ୱାଇଁଙ୍କ ସମେତ ପରିଚାଳନା କମିଟିର ବହୁ ସଦସ୍ୟ ଓ ଗ୍ରାମବାସୀ ସାମିଲ ଥିଲେ ।

# ଷ୍ଟ୍ରଙ୍ଗରୁମ୍ ଜଗିଛନ୍ତି ବିଧାୟକ ପ୍ରାର୍ଥୀ

ପାରଳାଖେମୁଣ୍ଡି, ୨୪।୫(ଗିରିଧାରୀ ପରିଛା):

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଭିଏମ୍‌କୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ଏବେ ଇଭିଏମ୍‌ରେ ନେତାମାନଙ୍କ ଭାଗ୍ୟ ସିଲ୍ ହୋଇରହିଛି। ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୧୦ଜଣ ବିଧାୟକ ପ୍ରାର୍ଥୀ ଥିବା ବେଳେ ମୋହନା ନିର୍ବାଚନମଣ୍ଡଳୀରେ ୮ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ଗଣତି କେନ୍ଦ୍ରର ଷ୍ଟ୍ରଙ୍ଗରୁମ୍‌ରେ ରହିଛି। କଡ଼ା ସୁରକ୍ଷା ମଧ୍ୟରେ ଏହି ଦୁଇ ନିର୍ବାଚନ ମଣ୍ଡଳୀର ବିଧାନସଭା ଓ ଲୋକ ସଭା ମିଶି ୧୧୪୬ଟି ଇଭିଏମ୍‌କୁ ଷ୍ଟ୍ରଙ୍ଗ୍ ରୁମ୍‌ରେ କଡ଼ା ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି। କେନ୍ଦ୍ରୀୟ ପୋଲିସ ଫୋର୍ସ ସାଙ୍ଗକୁ ସିସିଟିଭି ନଜରରେ ରହିଛି। ସେହିଭଳି ଷ୍ଟ୍ରଙ୍ଗରୁମ୍ ବାହାର ସୁରକ୍ଷା ଦାୟିତ୍ୱ ସ୍ଥାନୀୟ ପୋଲିସ ହାତରେ ରହିଛି। ଏହିସବୁ କେନ୍ଦ୍ରକୁ ସିସିଟିଭି ମାଧ୍ୟମରେ ସିଧାସଳଖ ଜିଲା କଣ୍ଟ୍ରୋଲ ରୁମ୍, ରାଜ୍ୟ ନିର୍ବାଚନ ଅଧିକାରୀ ଓ ଜାତୀୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସହିତ ସଂଯୋଗ କରାଯାଇଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ। ଏହିସବୁ ବ୍ୟବସ୍ଥା ପାଇଁ ନିର୍ବାଚନ କମିଶନଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସରକାରଙ୍କ ଉପରେ ସନ୍ଦେହ ରହିଥିବା କହିଛନ୍ତି ମୋହନା ନିର୍ବାଚନ ମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମଲିକ ଓ କଂଗ୍ରେସ ବିଧାୟକ ପ୍ରାର୍ଥୀ ଦାଶରଥି ଗମାଙ୍ଗ। କାରଣ ୨୦୧୪ ସାଧାରଣ ନିର୍ବାଚନରେ ପ୍ରଶାସନିକ ହସ୍ତକ୍ଷେପ କାହାକୁ ଅଛପା ନାହିଁ। ବିଗତ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ହାରିବା ଲୋକଙ୍କୁ ଜିତେଇଛନ୍ତି ଓ ଜିତିବା ଲୋକଙ୍କୁ ହରେଇଥିବା ଅଭିଯୋଗ ହୋଇଥିଲା। ତେଣୁ ଏବେ ନିର୍ବାଚନ ପରଠାରୁ ପ୍ରତ୍ୟେକ ଦିନ କର୍ମୀ ଓ ପ୍ରାର୍ଥୀମାନେ ନିଜ ନିର୍ବାଚନ ମଣ୍ଡଳୀର ଷ୍ଟ୍ରଙ୍ଗରୁମ୍‌କୁ ଜଗିରହିଛନ୍ତି।

# ଦିନକରେ ୧୪ ଅସାମାଜିକ ବ୍ୟକ୍ତି ଗିରଫ

ଛତ୍ରପୁର, ୨୪।୫(ସନ୍ତୋଷ ପାଢୀ): ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ପାଇଁ ୧୪ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ଏମାନଙ୍କୁ ଗିରଫ କରିବା ସହ ସଙ୍ଗୀନ ଦଫା ଲଗାଯାଇଛି। ଏଥିରୁ ୧୦ ଜଣଙ୍କ ନାଁରେ ଆର୍ମସ୍ ଆକ୍ଟ ମଧ୍ୟ ଲଗାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ପୋଲସରା ଥାନା ଅଞ୍ଚଳରେ ଜଣଙ୍କ ଉପରକୁ ୧୬ ତାରିଖରେ ଗୁଳିମାଡ ହୋଇଥିଲା। ଏହି ମାମଲାରେ ୨ ଜଣଙ୍କୁ ଗିରଫ କରାଯାଇଛି। ବ୍ୟକ୍ତିଗତ ଶତ୍ରୁତା କାରଣରୁ ଏହି ଗୁଳିମାଡ ହୋଇଥିଲା ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ଗାଙ୍ଗପୁର, ଧରାକୋଟ ଥାନା ପୋଲିସ ଜଣେ ଲେଖାଏଁ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଥିବାବେଳେ କୋଦଳା ଥାନା ପୋଲିସ ୨ ଜଣ ଓ ଆସିକା ଥାନା ପୋଲିସ ୪ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ଖଣ୍ଡା, ମାରଣାସ୍ତ୍ର ଜବତ ହୋଇଛି। ବେଲଗୁଣ୍ଠା ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ମଧ୍ୟ ୪ ଜଣଙ୍କୁ ଗିରଫ କରାଯାଇଛି। ଏହି ଡ୍ରାଇଭ ଜାରିରହିବ ବୋଲି ସୂଚନା ଦିଆଯାଇଛି। କୌଣସି ଅସାମାଜିକ ବ୍ୟକ୍ତି କିମ୍ବା ବେଆଇନ୍ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ସୂଚନା ଦେବା ପାଇଁ ହ୍ୱାଟ୍ସଆପ୍ ନମ୍ବର ୯୪୩୮୯୧୬୭୨୦ ରେ ଜଣାଇବାକୁ ଅନୁରୋଧ କରାଯାଇଛି।

# ଘୁମୁସରର ସ୍ୱର ପକ୍ଷରୁ ସାହିତ୍ୟ ଆଲୋଚନାଚକ୍ର

ବାଲିପଦର, ୨୪।୫(ବିଶିକେଶନ ସ୍ୱାଇଁ):

ଓଡ଼ିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ଗବେଷଣା ପ୍ରତିଷ୍ଠାନ ବାଲିପଦର ପକ୍ଷରୁ ୧୩୭ତମ ପୂର୍ଣ୍ଣିମା ସାହିତ୍ୟ ଆସର ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ବାଲିପଦର ଫ୍ରେଣ୍ଡସ୍ କ୍ଲବ ସଭା କକ୍ଷରେ ପ୍ରତିଷ୍ଠାନର ସଭାପତି ଡକ୍ଟର ବି.ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟରେ ବୁଦ୍ଧ ପୂର୍ଣ୍ଣିମାର ମହତ୍ତ୍ୱ ଓ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ପର୍କରେ ଅତିଥି ଭାବେ ଯୋଗଦେଇ ଗହଣ ଦଳର ସର୍ଦ୍ଦାର ଲିଙ୍ଗରାଜ ଦାସ, ଭଞ୍ଜମାଟିର ସମ୍ପାଦକ କାମରାଜୁ ସାହାଣୀ, ବରିଷ୍ଠ ଲେଖକ ରାମେଶ୍ୱର ପଟ୍ଟନାୟକ, ପ୍ରଧାନଶିକ୍ଷକ ଇ.ନିଳାଞ୍ଚଳ ପାତ୍ର, ଫ୍ରେଣ୍ଡସ୍ କ୍ଲବ ସମ୍ପାଦକ ଜି. ମନୋଜ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ କବି ସୁରେଶ ଚନ୍ଦ୍ର ପାଢ଼ୀ, ପଦ୍ମଲୋଚନ ଲୋଚନ ଗୌଡ଼, ଦ୍ୟୁତିକୃଷ୍ଣ ବିଶ୍ୱାଳ, ପ୍ରଦିପ୍ତ ସାମନ୍ତରା, ଧ୍ରୁବ ପାଣିଗ୍ରାହୀ, ରାଜଗୋପାଳ ନାୟକ, ଜି. ରାଜେଶ୍ୱର ପାତ୍ର, ନିରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ସଦସ୍ୟ ଖଲି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କ ମୃତଦେହ ଜବତ

ପାରଳାଖେମୁଣ୍ଡି, ୨୪।୫ (ଗିରିଧାରୀ ପରିଛା): ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ତୋଟାଗୁମୁଡା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଏସ.ରାଉତପୁର ଗ୍ରାମ ନିକଟସ୍ଥ ରାସ୍ତାକଡ଼ରୁ ପୋଲିସ ଜବତ କରିଛି। ମୃତକ ହେଲେ ତୋଟାଗୁମୁଡା ଗ୍ରାମର ହରିଶ୍ଚନ୍ଦ୍ର ମୁନୀ। ସେ ବୁଧବାର ଘରୁ ବାଇକ ଧରି ବାହାରି ଯାଇଥିଲେ। ଦୁଇଦିନ ହେଲା ପରିବାର ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଗୁରୁବାର ଏସ.ରାଉତପୁର ଗ୍ରାମ ନିକଟରେ ରାସ୍ତା କଡ଼ର ବାଇକ ସହ ସେ ପଡ଼ିଥିବା ତାଙ୍କ ମା' ଏବଂ ସମ୍ପର୍କୀୟ ଦେଖିବାକୁ ପାଇଥିଲେ। ଗୁରାଣ୍ଡି ପୋଲିସକୁ ଏ ନେଇ ଖବର ଦେଇଥିଲେ। ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ପୋଲିସ ମାମଲା ରୁଜୁ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଏଏସଆଇ ସୁନନ୍ଦା ପାତ୍ର କହିଛନ୍ତି।

# ଜମୁଛି ମା' ନାରାୟଣୀଙ୍କ ଯାତ୍ରା, ଆଜିଠୁ ମିନା ବଜାର

ଫୁଲବାଣୀ, ୨୪।୫(ରାକେଶ କୁମାର ରାଉତ): ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ମା' ନାରାୟଣୀଙ୍କ ଯାତ୍ରା ୧୪ ଦିନରେ ପହଞ୍ଚିଛି। ଆସନ୍ତା ୧୧ରେ ଯାତ୍ରା ଶେଷ ହେବ। ଯାତ୍ରା ପଡିଆରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ଶନିବାରରୁ ସ୍ଥାନୀୟ ଟିଟିମ୍ ପଡିଆରେ ମିନା ବଜାର ଆରମ୍ଭ ହେଉଛି। ଫୁଡ ଷ୍ଟଲଠାରୁ ଆରମ୍ଭ କରି ରାମ ଦୋଳି ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା କରାଯାଇଛି। ଫୁଡ୍ ଇନ୍ସପେକ୍ଟରଙ୍କ ଦ୍ୱାରା ଖାଦ୍ୟ ଓ ଟିଫିନ୍ ଷ୍ଟଲଗୁଡ଼ିକୁ ଯାଞ୍ଚ କରାଯିବାକୁ ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ଗୁଣିଗାରେଡ଼ି ସନ୍ଦେହରୁ ଗାଁ ଛାଡ଼ିଲେ ପରିବାର

ମୋହନା, ୨୪।୫(ମନ୍ମଥ ମିଶ୍ର): ଗୁଣିଗାରେଡ଼ି ସନ୍ଦେହକୁ କେନ୍ଦ୍ର କରି ଗୋଟିଏ ପରିବାର ଗାଁ ଛାଡି ବେସାହାରା ପାଲଟିଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ଅଡବା ଥାନା ଅର୍ନ୍ତଗତ ରାଜଖମା ଗ୍ରାମରେ। ରାଜଖମା ଗାଁର ସନ୍ୟାସୀ ଦଳପତି ନିଜ ପାଞ୍ଚ ପ୍ରାଣୀ କୁଟୁମ୍ବକୁ ନେଇ ଭୟରେ ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଡ଼ବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ଗଜପତି ଜିଲା ଅଡ଼ବା ଥାନା ଅର୍ନ୍ତଗତ ଗରଡମା ପଞ୍ଚାୟତର ରାଜଖମା ଗ୍ରାମରେ ଦୁଇଟି କନ୍ୟା ସନ୍ତାନ, ସ୍ତ୍ରୀ ଓ ବୃଦ୍ଧ ବାପାଙ୍କୁ ନେଇ ସନ୍ୟାସୀ ଦଳପତି ପୂର୍ବ ପୁରୁଷରୁ ରହିଆସୁଥିଲେ। କିନ୍ତୁ ୨୦୧୪ରୁ ଗ୍ରାମର କିଛି ଯୁବକ ସନ୍ୟାସୀଙ୍କୁ ଗୁଣି ଗାରେଡି କରୁଥିବା ଆଖ୍ୟା ଦେଇ ବିରୋଧ କରିଆସୁଥିଲେ।



ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ଗତ ୨୦ ତାରିଖରେ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବୈଠକ କରାଯାଇଥିଲା। ଉକ୍ତ ବୈଠକକୁ ସନ୍ୟାସୀଙ୍କୁ ଡକାଯାଇଥିଲେ ମଧ୍ୟ ଭୟରେ ସେ ଯାଇନଥିଲେ। କିନ୍ତୁ ତାଙ୍କ ସ୍ତ୍ରୀଙ୍କ ସହ କନ୍ୟାଙ୍କୁ ପଠାଇଥିଲେ। ଫଳରେ ଗ୍ରାମର କିଛି ଯୁବକ ଗୁଣିଗାରେଡ଼ିରେ ସନ୍ୟାସୀ ସମ୍ପୃକ୍ତ ଥିବା କହି ତାଙ୍କ ପରିବାର ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ସନ୍ୟାସୀ ଓ ନିଜ ସ୍ତ୍ରୀ ପିଲାଙ୍କ ସହ ନିଜ ବୃଦ୍ଧ ବାପାଙ୍କୁ ଧରି ଗାଁ ଛାଡ଼ି ଅନ୍ୟତ୍ର ରହୁଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅଡବା ଥାନାରେ ଲିଖିତ ଅଭିଯୋଗ ହେବାପରେ ପୋଲିସ ୬୯/୨୪ରେ ମାମଲା ରୁଜୁ କରିଛି। ଉଭୟ ଗୋଷ୍ଠୀଙ୍କୁ ଡାକି ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି ଅଡବା ଥାନାଧିକାରୀ ସୁବ୍ରତ କୁମାର ପଣ୍ଡା।

# ସେବା ସଂସ୍ଥାନର ପ୍ରଥମ ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଚିକିଟି, ୨୪।୫(ପ୍ରକାଶ ଚନ୍ଦ୍ର ସାହୁ): ଚିକିଟି ପେଣ୍ଠସ୍ଥିତ ଅର୍ଣ୍ଣପୂର୍ଣ୍ଣା ଭବନ ପରିସରରେ ଗୁରୁବାର ସେବା ସଂସ୍ଥାନର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଚକ୍ଷୁ ଚିକିତ୍ସକ ବି. ନାଗେଶ୍ୱର ରାଓ ସୁବୁଦ୍ଧି ଯୋଗଦେଇ ସେବା ସଂସ୍ଥାନ ତରଫରୁ ଯୋଗାଇ ଦିଆଯାଉଥିବା ସହାୟତାକୁ ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରୂପେ ରାଇକିଆ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ବାମଦେବାଜୀ, ସମ୍ମାନିତ ଅତିଥି ରୂପେ ଉମାଧବ ମହନ୍ତ, ପି. ରାମରାଓ ସୁବୁଦ୍ଧି, ହୃଷିକେଶ ପଣ୍ଡା, ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା, ହରିଶ୍ଚନ୍ଦ୍ର ସାହୁ, ନୀଳକଣ୍ଠ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ମୁଖପତ୍ର ସେବାସଂସ୍ଥାନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କେ. ସିମାଞ୍ଚଳ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ନାରାୟଣ ସେଠି ଗତ ଏକ ବର୍ଷ ମଧ୍ୟରେ ଚିକିଟି-ପାତ୍ରପୁର ବ୍ଲକର ଆଦିବାସୀ ଗ୍ରାମ ସହିତ ବିଭିନ୍ନ ଇଲାକାରେ ଦୁସ୍ଥ, ଅସହାୟଙ୍କୁ କରାଯାଇଥିବା ସହାୟତାର ବିବରଣୀ ସମେତ ରୁବି ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ସହାୟତା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷକ ସୋମରଥ ବେହେରା ଅତିଥି ପରିଚୟ ସହ ସ୍ୱାଗତ ସଂଗୀତ ଗାନ କରିଥିଲେ। ସେବା ସଂସ୍ଥାନର ସଭ୍ୟ ସନ୍ତୋଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୭ରୁ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା

ଛତ୍ରପୁର, ୨୪।୫ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ରାମାୟାଣାମ୍ମା ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏହି ଯାତ୍ରା ମେ' ୨୭ ତାରିଖରୁ ଆରମ୍ଭ ହୋଇ ଜୁନ ୩୦ରେ ଶେଷ ହେବ। ଏଥି ନିମନ୍ତେ ଯାତ୍ରା କମିଟି ପକ୍ଷରୁ ବିଭିନ୍ନ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଏହି ଯାତ୍ରା କିପରି ଶାନ୍ତିଶୃଙ୍ଖଳାରେ ହୋଇପାରିବ ସେଥିନିମନ୍ତେ ଶୁକ୍ରବାର ପ୍ରଶାସନ ଓ ଯାତ୍ରା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛତା, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ସହରରେ ଯେପରି ସ୍ୱଚ୍ଛତା ରହିବ ସେଥିନିମନ୍ତେ ଉଠାଦୋକାନୀଙ୍କଠାରୁ ଆରମ୍ଭ କରି ସମସ୍ତ ଦୋକାନୀ ପରିବେଶ କିପରି ସ୍ୱଚ୍ଛ ରଖିବେ ସେଥିନିମନ୍ତେ ଧ୍ୟାନ ଦେବା ସହିତ ଡଷ୍ଟବିନ୍ ବ୍ୟବହାର କରିବେ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ

## ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ କମିଟି ସଦସ୍ୟ ।

ଯୋଗାଣ ଏବଂ ଏନ୍ଏସି ପକ୍ଷରୁ ବିଭିନ୍ନ ସ୍ଥାନରେ ଜନସାଧାରଣଙ୍କ ନିମନ୍ତେ ଜଳଛତ୍ର ଖୋଲାଯିବା ଏବଂ ସଫେଇ ଉପରେ ଗୁରୁତ୍ୱ ଦିଆଯାଇଛି। ଲୋକମାନେ କିପରି ସୁରକ୍ଷିତ ଭାବେ ଯାତ୍ରା ଉପଭୋଗ କରିବେ ସେଥି ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ ସହ ସ୍ୱେଚ୍ଛାସେବୀମାନେ ନିୟୋଜିତ ହେବେ। ପାର୍କିଂ, ଟ୍ରାଫିକ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଅପରାଧୀମାନଙ୍କ ଗତିବିଧି ଜାଣିବା ନିମନ୍ତେ ଛତ୍ରପୁର ସହରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବ। ରାତି ୧୦ଟା ପରେ ଡିଜେ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଯାତ୍ରାରେ ସ୍ୱେଚ୍ଛାସେବୀମାନେ କିପରି ଲୋକଙ୍କୁ ସାହାଯ୍ୟ କରିପାରିବେ ଓ କୌଣସି ପ୍ରକାର ସମସ୍ୟା ଉପୁଜିଲେ ତୁରନ୍ତ ପୋଲିସ ସମେତ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବେ ସେଥିନିମନ୍ତେ ଶନିବାର ଛତ୍ରପୁର ଥାନା ପରିସରରେ ପୋଲିସ ଓ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଯୋଗାଯୋଗ ନମ୍ବର ମନ୍ଦିର ପରିସରରେ ଲେଖାଯିବ। ଯାହାଦ୍ୱାରା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟିହେଲେ ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକମାନେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇପାରିବେ। ଯାତ୍ରା କମିଟି ପକ୍ଷରୁ ମା'ଙ୍କ ଘଟ ପ୍ରତ୍ୟେକ ଦିନ କେଉଁ କେଉଁ ସାହି ପରିକ୍ରମା କରିବ ତାହାର ତାଲିକା ପ୍ରସ୍ତୁତ କରି ଆଗୁଆ ବିଭିନ୍ନ ଅଧିକାରୀମାନଙ୍କୁ ପ୍ରଦାନ କରିବେ। ଏହି ପ୍ରସ୍ତୁତି ବୈଠକରେ ଯାତ୍ରା କମିଟିର ମ୍ୟାନେଜର ସି. ଏଚ. ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ସମରେନ୍ଦ୍ର ସେନାପତି, ଆଇନଜୀବୀ ରଞ୍ଜନ କୁମାର ମହାପାତ୍ର, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ଥାନା ଅଧିକାରୀ ନୀରୋଦ କୁମାର ଦାସ, ବିଦ୍ୟୁତ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜକିଶୋର ବଲ୍ଲଭ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ପ୍ରଫୁଲ୍ଲ ଚନ୍ଦ୍ର ଗୌଡ଼, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଶତପଥୀ, ଯାତ୍ରା କମିଟିର ସଦସ୍ୟ କୁନି ଦାସ, ଏସ. କ୍ରିଷ୍ଣା ରାଓ ଓ ଏନ. ଦୁର୍ଗା ପ୍ରସାଦ, ବିଭାଗୀୟ ଅଧିକାରୀ, କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ଘଣ୍ଟାଏ ବର୍ଷିଲା, ସହରବାସୀ ଆଶ୍ୱସ୍ତ

ବ୍ରହ୍ମପୁର,(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ସହରରେ ଗତ ୩ ଦିନ ଧରି ଖରାର ପ୍ରକୋପ ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିଲା । ଶୁକ୍ରବାର ଅପରାହ୍ନ ୩ଟାରୁ ୪ଟା ପର୍ଯ୍ୟନ୍ତ ବର୍ଷା ହେବାରୁ ସାମାନ୍ୟ ଥଣ୍ଡା ଅନୁଭୂତ ହୋଇଥିଲା । ଯାହାକୁ ନେଇ ସହରବାସୀ ଆଶ୍ୱସ୍ତି ଲାଭ କରିଥିଲେ । ସନ୍ଧ୍ୟାରେ ତାପମାତ୍ରା ୩୧ ଡିଗ୍ରୀ ରହିଥିଲା । ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଗଞ୍ଜାମର କେତୋଟି ସ୍ଥାନରେ ବର୍ଷା ହୋଇପାରେ ବୋଲି ଗୋପାଳପୁର ଡପଲର ରାଡାର ଇନଚାର୍ଜ ଏସ କେ ମୂର୍ତ୍ତି କହିଛନ୍ତି । ଜିଲାକୁ କୌଣସି ୱାର୍ଣ୍ଣିଂ ନ ଥିବା ସେ କହିଛନ୍ତି ।



**ସଂକ୍ଷେପରେ**

### ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,ତା୨୪।୫(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ଶୁକ୍ରବାର ବ୍ରହ୍ମପୁର ଷ୍ଟେଶନ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ସେ ହେଲେ ଟାଉନ ଥାନା ବିଜିପୁର କାଲୁଆ ସାହିର ରାମଚନ୍ଦ୍ର ସାହୁ(୪୨)। ଏ ନେଇ ପୋଲିସ ନଂ. ୪୭/୨୪ରେ ଏକ ମାମଲା ରୁଜୁ କରିଛି। ଅସାବଧାନତା ଯୋଗୁ ଟ୍ରେନରୁ ଖସି ରାମଚନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାମଚନ୍ଦ୍ର କୌଣସି କାମରେ ପୁରୀ ଯାଇଥିଲେ। ସେଠାରୁ ଆସି ଖୋର୍ଦ୍ଧାରେ ଅପେକ୍ଷା କରିଥିଲେ। ଗୁରୁବାର ରାତି ପ୍ରାୟ ୧୦ଟାରେ ଫୋନ କରି ଫେରିବେ ବୋଲି ତାଙ୍କ ସ୍ତ୍ରୀଙ୍କୁ କହିଥିଲେ। ହେଲେ ସେ ରାତି ଘରକୁ ଫେରି ନ ଥିଲେ। ଫୋନ୍ ସୁଇଚ ଅଫ ଥିଲା। ପରିବାର ଲୋକେ ଖୋଜାଖୋଜି କରିଥିଲେ ବି ରାମଚନ୍ଦ୍ରଙ୍କ କୌଣସି ସନ୍ଧାନ ପାଇନଥିଲେ। ଶୁକ୍ରବାର ସକାଳେ ବ୍ରହ୍ମପୁର ରେଳଷ୍ଟେଶନ ୨ ନଂ. ପ୍ଲାଟଫର୍ମ ନିକଟ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଜଣାପଡିଥିଲା। ରାମଚନ୍ଦ୍ରଙ୍କୁ ଖୋଜାଖୋଜି କରୁଥିବା ତାଙ୍କ ଶାଳକ ସନାତନ ସେଠାରେ ପହଞ୍ଚି ପୋଲିସ ଉପସ୍ଥିତିରେ ଭିଣୋଇଙ୍କ ମୃତଦେହ ଚିହ୍ନଟ କରିଥିଲେ। ହେଲେ ସେଠାରୁ ମୋବାଇଲ କିମ୍ବା ଅନ୍ୟ କୌଣସି ସାମଗ୍ରୀ ମିଳି ନଥିବା ପୋଲିସ କହିଛି।

### ଘରୁ ୧୭ ଲକ୍ଷ ଟଙ୍କା ଚୋରି

ବ୍ରହ୍ମପୁର,୨୪।୫ (ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ବ୍ୟକ୍ତିଙ୍କ ଘର ଭିତରୁ ୧୭ ଲକ୍ଷ ଟଙ୍କା ଚୋରି ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଜଣେ ସମ୍ପର୍କୀୟ ଭାଇ ଏହି ଟଙ୍କା ଚୋରାଇ ନେଇଥିବା ସେ ସନ୍ଦେହ କରୁଛନ୍ତି ବୋଲି ଅଭିଯୋଗକାରୀ ସୁଦର୍ଶନ ଜେନା ତାଙ୍କ ଏତଲାରେ ଦର୍ଶାଇଛନ୍ତି । ଜୟପ୍ରକାଶନଗରରେ ରହୁଥିବା ସୁଦର୍ଶନ କିଛିଦିନ ତଳେ ନିଜ ବ୍ୟବସାୟ ପାଇଁ ୧୭ ଲକ୍ଷ ଟଙ୍କା ଆଣି ଘରେ ରଖିଥିଲେ। ଘରେ ସ୍ତ୍ରୀ, ଦୁଇ ଝିଅଙ୍କ ସହ ଜଣେ ସମ୍ପର୍କୀୟ ଭାଇ ମଧ୍ୟ ରହୁଥିଲେ । କିଛିଦିନ ପରେ ଆଲମିରାରେ ଥିବା ଉକ୍ତ ଟଙ୍କା ଗାଏବ ହୋଇଯାଇଥିଲା । ସୁଦର୍ଶନ ପ୍ରଥମେ ନିଜ ପରିବାରର ଲୋକଙ୍କୁ ଟଙ୍କା ବିଷୟରେ ପଚାରିଥିଲେ। ସମ୍ପର୍କୀୟ ଭାଇ ଜଣଙ୍କ ଘରୁ ଚାଲିଯାଇଥିବାରୁ ସେ ଟଙ୍କା ନେଇ ଯାଇଥିବା ତାଙ୍କ ସନ୍ଦେହ ଉପୁଜିଥିଲା । ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଛାତ୍ରଙ୍କ ସୁନା ଚେନ, ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୫(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଲୁଟେରା ଗୋଟିଏ ପରେ ଗୋଟିଏ ଲୁଟତରାଜ କରୁଛନ୍ତି। କିଛି ଦିନ ତଳେ ଲୁଟିଆ ଗ୍ୟାଙ୍ଗ ବିଭିନ୍ନ ତାଲାବନ୍ଦ ଘରେ କଳାକନା ବୁଲାଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ଗତ ୨୧ ତାରିଖରେ ଟାଟା ବେଞ୍ଚ ନିକଟ ଅନନ୍ତ ନଗର ପ୍ରଥମ ଲାଇନରେ ରହୁଥିବା ଜଣେ ଛାତ୍ର ରିତିକ କୁମାର ରାଉତଙ୍କ ବେକରୁ ସୁନା ଚେନ ଓ ଟଙ୍କା ଲୁଟି ନେଇଛନ୍ତି। ରିତିକ ତାଙ୍କ ମେସ ବାହାରେ ଛିଡା ହୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ତାଙ୍କ ସହ ଝଗଡା କରିବା ସହ ସୁନାଚେନ ଓ ପର୍ସରେ ଥିବା ୨୩୦୦ ଟଙ୍କା ଲୁଟି ନେଇଥିଲେ। ଥାନାରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

# ବରିଷ୍ଠ ନାଗରିକଙ୍କୁ ମିଳୁନି ପରିଚୟପତ୍ର

**ସହରରେ ୫୦୦ରୁ ଅଧିକ ବଞ୍ଚିତ, ବଢୁଛି ନିର୍ଯାତନା**

ବ୍ରହ୍ମପୁର,୨୪।୫(ସୁବାସ ଚନ୍ଦ୍ର ପାଢ଼ୀ): ବରିଷ୍ଠ ନାଗରିକମାନେ ହେଉଛନ୍ତି ସମାଜର ମାର୍ଗଦର୍ଶକ। ସେମାନଙ୍କ ପ୍ରେରଣାରେ ଦେଶ ତଥା ରାଜ୍ୟର ବିକାଶ ହୋଇଥାଏ। ତେଣୁ ସେମାନେ ଯେଭଳି ସମ୍ମାନର ସହିତ ବଞ୍ଚିବେ ସେଥିପାଇଁ ସରକାର ଆଇନ ପ୍ରଣୟନ କରିଛନ୍ତି। ଭତ୍ତାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ମଧ୍ୟ ଯୋଗାଉଛନ୍ତି। ଅନ୍ୟପକ୍ଷରେ କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମାଜରେ ଅବହେଳିତ ବରିଷ୍ଠ ନାଗରିକଙ୍କୁ ସହଯୋଗର ହାତ ବଢ଼ାଇବା ସହିତ ଆମୋଦପ୍ରମୋଦର ବ୍ୟବସ୍ଥା କରିଛନ୍ତି। ବରିଷ୍ଠ ନାଗରିକଙ୍କ ଅବଶିଷ୍ଟ ଜୀବନ କିଭଳି ସୁଖରେ କଟିବ ସେ ନେଇ ଆହୁରି ଅଧିକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

୨୦୧୯ରେ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ପୋଲିସ ପକ୍ଷରୁ ସେମାନଙ୍କୁ ବରିଷ୍ଠ ନାଗରିକ ପରିଚୟ ପ୍ରଦାନ କରାଯାଇ ସବୁ ସୁବିଧା ଯୋଗାଇ ଦିଆଗଲା। ପୋଲିସର ଏଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ହେଲେ ଗତ ସାଢ଼େ ୩ବର୍ଷ ହେଲା ବରିଷ୍ଠ ନାଗରିକମାନଙ୍କୁ ଆଉ ପରିଚୟପତ୍ର ମିଳି ନ ଥିବା ଅଭିଯୋଗ ହୋଇଛି। ବ୍ରହ୍ମପୁର ସହରରେ ପ୍ରାୟ ୫୦୦ରୁ ଅଧିକ ବରିଷ୍ଠ ଆବେଦନ କରିଥିଲେ ମଧ୍ୟ ସେମାନଙ୍କୁ ଏ ଯାଏ ପ୍ରମାଣପତ୍ର ମିଳିନାହିଁ। ସେହିପରି ବ୍ରହ୍ମପୁର ପୋଲିସ ଜିଲାର ଗ୍ରାମାଞ୍ଚଳରେ ରହୁଥିବା ବରିଷ୍ଠ ନାଗରିକଙ୍କ କଥା ବୁଝିବାକୁ କେହିନାହିଁ। ପୋଲିସ ଜିଲାରେ ୪ ପର୍ଯ୍ୟାୟରେ ମୋଟ ୧୩୬୮ ଜଣଙ୍କୁ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ କରାଯାଇଥିବା ପୋଲିସ କହିଛି। ବୈଦ୍ୟନାଥପୁର ଥାନା ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୪୩ ଜଣଙ୍କୁ ପରିଚୟପତ୍ର ମିଳିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୫, ତୃତୀୟ ପର୍ଯ୍ୟାୟରେ ୧୫୧ ଓ ଚତୁର୍ଥ ପର୍ଯ୍ୟାୟରେ ୨୧୪ ଜଣଙ୍କୁ ଏଭଳି ୪୭୩ଜଣଙ୍କୁ ପରିଚୟ ପତ୍ର ମିଳିଛି। ସେହିପରି ଗୋଷାଣି ନୂଆଗାଁ ଥାନା ଅଞ୍ଚଳରେ ରହୁଥିବା ୧୮୦, ଟାଉନ ଥାନାଞ୍ଚଳରେ ରହୁଥିବା ୨୨୭, ବଡବଜାର ଥାନାଞ୍ଚଳରେ ୧୫୯, ସଦର ଥାନାଞ୍ଚଳରେ ୨୦୪, ଗୋପାଳପୁର ଥାନାଞ୍ଚଳରେ ୧୮, କେ.ନୂଆଗାଁ ଥାନାଞ୍ଚଳରେ ୧୦୭ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ଦିଆଯାଇଥିବା ପୋଲିସ ରେକର୍ଡରୁ ଜଣାପଡିଛି। ୨୦୨୧ ପରଠାରୁ ଆଉ ବରିଷ୍ଠ ନାଗରିକଙ୍କୁ ଚିହ୍ନଟ କରାଯାଇନାହିଁ। ପ୍ରାୟ ୫୦୦ରୁ ଅଧିକ ବରିଷ୍ଠ ନାଗରିକ ସେମାନଙ୍କ ପରିଚୟପତ୍ର ପାଇବା ପାଇଁ ବିଭିନ୍ନ ଥାନାରେ ଆବେଦନ କରିଛନ୍ତି। କିନ୍ତୁ ପରିଚୟପତ୍ର ମିଳିନାହିଁ। କରୋନା ସମୟରେ କିଛି ବରିଷ୍ଠ ନାଗରିକ ଉକ୍ତ କାର୍ଡର ଅବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ କୌଣସି ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ନ ଦେବାକୁ ନିର୍ଦ୍ଦେଶ ରହିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବହୁ ବରିଷ୍ଠ ନାଗରିକ ବିଭିନ୍ନ ପ୍ରକାର ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ କନିଷ୍ଠମାନେ ବୟସ୍କମାନଙ୍କୁ ଯେଭଳି ସମ୍ମାନ ଦେଉଥିଲେ ଏବେ ଆଉ ସେ ସବୁ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ବୟସ୍କମାନଙ୍କୁ ପାରିବାରିକ ଓ ସାମାଜିକ ସୁରକ୍ଷା ନିହାତି ଦରକାର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।

# ଗ୍ୟାସ ଲିକ୍‌ରୁ ୩ ଆହତ

**ଖବରଦାତାଙ୍କୁ ସୁରକ୍ଷା ଅଧିକାରୀଙ୍କ ଦୁର୍ବ୍ୟବହାର**

ଗଞ୍ଜାମ,୨୪।୫(ବିଦ୍ୟାଧର ସାହୁ): ଗଞ୍ଜାମ ସହରସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ଶୁକ୍ରବାର ପାଇମ ମରାମତି ବେଳେ ଗ୍ୟାସ ଲିକ୍ ହୋଇ ୩ଜଣ ଆହତ ହୋଇଛନ୍ତି। ଜଣେ ସୁପର ଭାଇଜରଙ୍କ ସମେତ ଦୁଇ ଜଣ ଶ୍ରମିକ ଆହତ ହୋଇଛନ୍ତି। ସେମାନଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନେ ଚିକିତ୍ସିତ ହୋଇ ଘରକୁ ଫେରିଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ସୂଚନା ପ୍ରକାରେ ଶୁକ୍ରବାର କମ୍ପାନୀ ପକ୍ଷରୁ ବିଦ୍ୟୁତ ସରବରାହ ବନ୍ଦ କରାଯାଇ ଗ୍ୟାସ ପାଇପଗୁଡିକ ମରାମତି କାର୍ଯ୍ୟ ଚାଲିଥିଲା। ଅସାବଧାନତା ଯୋଗୁ ଗ୍ୟାସ ପାଇପରୁ ଗ୍ୟାସ ଛିଟିକି ପଡିଥିଲା। ଫଳରେ କାର୍ଯ୍ୟରତ ଶ୍ରମିକମାନେ ଆହତ ହୋଇଥିଲେ। ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ କମ୍ପାନୀ ଫାଟକ ନିକଟରେ ପହଞ୍ଚି ଫଟୋ ଉତ୍ତୋଳନ କରୁଥିବା ବେଳେ କମ୍ପାନୀର ସିକ୍ୟୁରିଟି ମୁଖ୍ୟ ଲିପିକ ମହାନ୍ତି ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। କମ୍ପାନୀ ଆଇଆର ମୁଖ୍ୟ ପୁରଞ୍ଜମ ଶର୍ମା ଏବଂ ସିଏସଆର ମୁଖ୍ୟ ସୁସ୍ମିତା ବେହେରା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ୪.୨୯ ଲକ୍ଷ ଟଙ୍କା ଠକେଇ
## ଫାଇନାନ୍ସ କର୍ମଚାରୀଙ୍କ ସମେତ ୨ ଗିରଫ

ଖଲ୍ଲିକୋଟ,୨୪।୫(ପ୍ରଶାନ୍ତ କୁମାର ମିଶ୍ର): ଏକ ଫାଇନାନ୍ସ କମ୍ପାନୀର ୪ଲକ୍ଷ ୨୯ ହଜାର ଟଙ୍କା ଠକେଇ କରି ସାଙ୍ଗଙ୍କ ସହ ଫାଇନାନ୍ସ କର୍ମଚାରୀ ଶୁକ୍ରବାର ଗିରଫ ହୋଇଛନ୍ତି। ସେମାନେ ହେଲେ ଫାଇନାନ୍ସ କର୍ମଚାରୀ ଖୋର୍ଦ୍ଧା ଜିଲା ଶଗଡ଼ଭଙ୍ଗା ନନ୍ଦପୁର ପାଟଣାର ପ୍ରତାପ କୁମାର ଦତ୍ତ ଓ ତାଙ୍କ ସାଙ୍ଗ ନୟାଗଡ଼ ଜିଲା ଓଡଗାଁ ଥାନା କୁମ ବାଙ୍କାତାରା ଗ୍ରାମ ହୃଦାନନ୍ଦ ସାହୁ। ଉଭୟେ ସବୁ ଟଙ୍କାରେ ଅନଲାଇନ ଗେମ୍ ଖେଳିଥିବା ଜଣାପଡ଼ିଛି। ଭେଜିପୁଟ କାଳିଜାଇ ଷ୍ଟେଶନ ରୋଡ଼ରେ ଥିବା ଏକ କମ୍ପାନୀରୁ ଟଙ୍କା ଠକେଇ ହୋଇଥିବା ନେଇ ଏରିଆ ମ୍ୟାନେଜର ସୁଶାନ୍ତ କୁମାର ସାହୁ ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୨୫/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଠକେଇରେ ଫାଇନାନ୍ସ କର୍ମଚାରୀ ପ୍ରତାପ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତାଙ୍କୁ ପୁରୀରୁ ଗିରଫ କରାଯାଇଥିଲା। ପ୍ରତାପଙ୍କୁ ପଚରାଉଚରା କରିବା ପରେ ତାଙ୍କ ସାଙ୍ଗ ହୃଦାନନ୍ଦଙ୍କୁ ନୟାଗଡ଼ରୁ ଗିରଫ କରାଯାଇଛି।

## ଶ୍ୱେତପଦ୍ମା ସାହିତ୍ୟ ସଂସଦର କବିତା ପାଠୋତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୨୪।୫(ସ୍ମୃତି ରଞ୍ଜନ ମହାଲିକ) ନୂତନ ସାହିତ୍ୟ ଅନୁଷ୍ଠାନ 'ଶ୍ୱେତପଦ୍ମା ସାହିତ୍ୟ ସଂସଦ' ଉଦଘାଟିତ ହୋଇଛି। ଏଥିଲାଗି କ୍ଷୁଦ୍ର ଜଳସେଚନ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଶ୍ୟାମ ପ୍ରସାଦ ମିଶ୍ର ପୌରୋହିତ୍ୟ କରିଥିଲେ। ନାଟ୍ୟକାର ମେଜର ରମାରମଣ ପାଢୀ କାର୍ଯ୍ୟକ୍ରମ ଉଦଘାଟନ କରି ବୁଦ୍ଧ ପୂର୍ଣ୍ଣିମା ଓ ବୁଦ୍ଧ ଦେବଙ୍କ ଜୀବନାଦର୍ଶ ସଂପର୍କରେ କହିଥିଲେ। ବୌଦ୍ଧ ଚକ୍ରର ପ୍ରତିଷ୍ଠାତା କବି ଇଂ ଡ ସଞ୍ଜୟ କୁମାର ପଣ୍ଡା, ବାଲେଶ୍ୱରର ବିଶିଷ୍ଟ ପ୍ରକାଶକ କବି କାଳୀପଦ ପଣ୍ଡା, ଶଶୀଭୂଷଣ ରଥ ମହିଳା କଲେଜ ଓଡିଆ ବିଭାଗ ମୁଖ୍ୟ ସାନ୍ତନୁ ସୁନା ଓ ଚିକିଟି ମହାବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଅତିଥି ଥିଲେ। ସାଂପ୍ରତିକ ଓଡିଆ ସାହିତ୍ୟର ସ୍ଥିତି ଓ ଭବିଷ୍ୟତ ସଂପର୍କରେ ଅତିଥିମାନେ କହିଥିଲେ। ଏହି ଅବସରରେ ସାହିତ୍ୟ ସଂସଦର ମୁଖପତ୍ର ସୁମନା ଶ୍ୱେତପଦ୍ମା ଲୋକାର୍ପିତ ହୋଇଥିଲା। ସଂସଦର ସଭାପତି ବିଜୟ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂପାଦିକା ସୌଦାମିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ଓ ସମାଲୋଚକ ଡ କୁଳମଣି ଓଝା ପୌରୋହିତ୍ୟ କରିଥିଲେ। କବି ନୀଳକଣ୍ଠ ସାହୁ ଓ ଡ ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ମିଳିତ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଲିଙ୍ଗରାଜ ଜେନା, ମନୋରଞ୍ଜନ ପାଣିଗ୍ରାହୀ, ଭାଗ୍ୟଲକ୍ଷ୍ମୀ ମହାରଣା, ଡ ବନମାଳୀ ପାଣିଗ୍ରାହୀ, ଡ ବିଧୁପ୍ରଭା ରଥ, ଡ ସରୋଜକାନ୍ତ ରଥ, ଦେବାଶିଷ ଦାଶଙ୍କ ସମେତ ୪୦ କବି ଏବଂ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ଉପସଭାପତି ବଂଶୀଧର ସେଠୀ ଧନ୍ୟବାଦ ଦେଇଥିଲେ।

## କଇଠଖଣ୍ଡି ପଞ୍ଚାୟତରେ ମଦ ବିକ୍ରି ବନ୍ଦ ନିଷ୍ପତ୍ତି

ଦିଗପହଣ୍ଡି,୨୪।୫(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ କଇଠଖଣ୍ଡି ଗ୍ରାମ ପଞ୍ଚାୟତର ମାସିକ ବୈଠକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମନୋରଞ୍ଜନ ଗୌଡ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି ପ୍ରକାରେ ପଞ୍ଚାୟତର ଦାମୋଦରପୁର ଏବଂ ଘନସିଙ୍ଗି ଗ୍ରାମରେ ପାନୀୟ ଜଳଯୋଗାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ପ୍ରକାଶ କରିଥିଲେ। ସେହିଭଳି ବୈଠକରେ ପଞ୍ଚାୟତ ଅଞ୍ଚଳରେ ମଦବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯାଇ ଏହାକୁ ନିଶାମୁକ୍ତ ପଞ୍ଚାୟତରେ ପରିଣତ କରିବା ଏବଂ ବ୍ୟାପକ ଚାରାରୋପଣ ମାଧ୍ୟମରେ ପଞ୍ଚାୟତକୁ ସବୁଜ ପଞ୍ଚାୟତରେ ପରିଣତ କରିବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିଲା। ପଞ୍ଚାୟତର ସାମଗ୍ରିକ ଉଲ୍ଲେଖଯୋଗ୍ୟ ବିକାଶ ଦିଗରେ ମିଳିଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରଠାରୁ ଆରମ୍ଭ କରି କାୟାକଳ୍ପ ପୁରସ୍କାର, ଆଇଏସଓ ପୁରସ୍କାର, ଯକ୍ଷ୍ମାମୁକ୍ତ ପଞ୍ଚାୟତ ପୁରସ୍କାର ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ପଞ୍ଚାୟତବାସୀଙ୍କ ଅକୁଣ୍ଠ ସହଯୋଗ ପାଇଁ ସରପଞ୍ଚ ଗୌଡ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁରରୁ ଚୋରି ବସ ଖୋର୍ଦ୍ଧାରୁ ଉଦ୍ଧାର, ଯୁବକ ଗିରଫ

ବ୍ରହ୍ମପୁର,୨୪।୫ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରରୁ ଚୋରି ହୋଇଥିବା ଏକ କଲେଜ ବସକୁ ଖୋର୍ଦ୍ଧା ଜିଲା ରାମେଶ୍ୱର ଛକରୁ ବଡବଜାର ଥାନା ପୋଲିସ ଉଦ୍ଧାର କରିଛି। ପୋଲିସ ଏହାକୁ ବ୍ରହ୍ମପୁର ଆଣିବା ସହ ବସ ଚୋରି କରି ନେଇଥିବା କୁକୁଡାଖଣ୍ଡି ଖଣ୍ଡିଆସାହିର କାହ୍ନା ସାହୁଙ୍କୁ ଗିରଫ କରିଛି। ବ୍ରହ୍ମପୁରରେ ଥିବା କଲାମ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜି ଇଞ୍ଜିନିୟରିଂ କଲେଜର ବସଗୁଡ଼ିକ ବ୍ରହ୍ମପୁର ଫାଷ୍ଟଗେଟ ଠାରେ ଥିବା ଏକ ଟିମ୍ବର ଡିପୋ ନିକଟରେ ପାର୍କିଂ କରାଯାଉଛି । ୨୨ ତାରିଖ ସକାଳୁ ଗୋଟିଏ ବସ ପାର୍କିଂ ସ୍ଥଳରୁ ଗାଏବ ହୋଇଯାଇଥିଲା। ବସର ଚାଳକ ବସ ନ ଥିବା ଦେଖି କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କଲେଜର ସମ୍ପାଦକ ସନ୍ତୋଷ କୁମାର ଜେନା ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସହ ବସରେ ଲାଗିଥିବା ଜିପିଏସକୁ ଟ୍ରାକ କରାଯାଇଥିଲା। ବସଟି ରାମେଶ୍ୱର ଛକଠାରେ ଥିବା ଜଣାପଡ଼ିଥିଲା । ଏସଆଇ ରଞ୍ଜିତ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ ରାମେଶ୍ୱରରେ ପହଞ୍ଚି ବସଟିକୁ ଠାବ କରିବା ସହ ଏହାକୁ ଚୋରି କରି ନେଇଥିବା କାହ୍ନାଙ୍କୁ ସେଠାରୁ କାବୁ କରିଥିଲେ।

## ଗଞ୍ଜେଇ ଜବତ ମାମଲା, ଦୋଷୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୨୪।୫ (ସୁବାସ ଚନ୍ଦ୍ର ପାଢ଼ୀ): ଟ୍ରକରେ ୨୪୦ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ହାତରେ ଧରାପଡି ଜେଲ ଯାଇଥିବା ଜଣେ ଯୁବକଙ୍କୁ ଶନିବାର ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସେ ହେଲେ ଉତ୍ତରପ୍ରଦେଶର ମହମ୍ମଦ ରିଜୁଆନ(୪୦)। ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ-୩ ରାଜ କୁମାର ଦାଶ ମାମଲାର ବିଚାର କରି ଏହି ଦଣ୍ଡାଦେଶ ଶୁଣାଇବା ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଦୋଷୀ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ ରାୟରେ ଉଲ୍ଲେଖ କରିଛନ୍ତି ।

୨୦୨୩ ଫେବୃଆରୀ ୫ ତାରିଖରେ ଗଜପତି ଜିଲାରୁ ଏକ ଟ୍ରକରେ ବିପୁଳ ପରିମାଣର ଗଞ୍ଜେଇ ବ୍ରହ୍ମପୁର ଦେଇ ବାହାରକୁ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା । ବିଭାଗର ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ ଓ ତାଙ୍କ ଟିମ ବ୍ରହ୍ମପୁର ଫାଷ୍ଟଗେଟଠାରେ ଯାଞ୍ଚ ଆରମ୍ଭ କରିଥିଲେ। ଦିଗପହଣ୍ଡିପଟୁ ଆସୁଥିବା ଏକ ଟ୍ରକ(ନଂ. ୟୁପି ୨୧ ବିଏନ ୧୫୮୫)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ଗଞ୍ଜେଇ ମିଳିଥିଲା। ଏକାଧିକ ବସ୍ତାରେ ଥିବା ୨୪୦ କେଜି ଗଞ୍ଜେଇ ଜବତ କରାଯିବା ସହ ଟ୍ରକ ଚାଳକ ତଥା ଦୋଷୀ ମହମ୍ମଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ସେବେଠାରୁ ମହମ୍ମଦ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିଲେ । ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

## ନାରଦ ଜୟନ୍ତୀ ପାଳିତ

ବ୍ରହ୍ମପୁର,୨୪।୫(ସ୍ମୃତି ରଞ୍ଜନ ମହାଲିକ)–ବିଶ୍ୱ ସମ୍ବାଦ କେନ୍ଦ୍ର ବ୍ରହ୍ମପୁର ଶାଖା ପକ୍ଷରୁ ଦେବର୍ଷି ନାରଦ ଜୟନ୍ତୀ ଶୁକ୍ରବାର ବ୍ରହ୍ମପୁର ପ୍ରେସ କ୍ଲବ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଶାଖାର ନଗର ପ୍ରଚାର ପ୍ରମୁଖ ସୁକାନ୍ତ ଗୌଡ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଜେ ଶେଷଗିରି ରାଓ ଓ ସଂସ୍କୃତି ଗବେଷକ ହୃଷୀକେଶ ପାଣିଗ୍ରାହୀ ଅତିଥି ଥିଲେ। ଜଗତ କଲ୍ୟାଣ ପାଇଁ ଶ୍ରୀନାରଦ ସର୍ବଦା ପ୍ରୟାସରତ ଥିଲେ। ଆଜିର ଖବରଦାତାମାନେ ସମାଜ କଲ୍ୟାଣ ପାଇଁ ଉତ୍ତମ ଖବର ପରିବେଷଣ କରିବାକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ପରାମର୍ଶ ଦେଇଥିଲେ। ସେହିପରି ସଂସ୍କୃତି ଗବେଷକ କହିଥିଲେ ଯେ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ମଧ୍ୟ ଦେବର୍ଷି ନାରଦଙ୍କ ପ୍ରାସଙ୍ଗିକତା ସଂପର୍କରେ କହିଥିଲେ। ଶାଖାର କେନ୍ଦ୍ର ସଂଯୋଜକ ପ୍ରହଲାଦ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ରମେଶ ପାତ୍ର, ଏନ ଲିଙ୍ଗରାଜ, ପ୍ରୀତମ ପାଣିଗ୍ରାହୀ, ରାମ ପାତ୍ରଙ୍କ ସମେତ ଶାଖାର ବହୁ ସଦସ୍ୟ ସହଯୋଗ କରିଥିଲେ। ମାଧବ କୁମାର ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମପୁର, ଗୋପାଳପୁର ଫଳାଫଳକୁ ଅପେକ୍ଷା
# କିଏ ଜିତିବ ଅଙ୍କ କଷୁଛନ୍ତି କର୍ମୀ

ବ୍ରହ୍ମପୁର,୨୪।୫(ନରସିଂହ ସାହୁ)– ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ୧୨ ଦିନ ବିତିଛି। ସେହିପରି ୫ ଦିନ ହେଲା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିଛି। ଜିଲାର ଦୁଇ ଲୋକ ସଭା ଓ ୧୩ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀମାନଙ୍କ ହାର୍‌ଜିତ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି। ମୁଖ୍ୟତଃ ବ୍ରହ୍ମପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଏଥର ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହୋଇଥିବା ବେଳେ ଏହା ଉଭୟ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଜୁନ୍ ୪ ତାରିଖରେ ଭୋଟ ଗଣତିକୁ ଶାସକ ଓ ମୁଖ୍ୟ ବିରୋଧୀ ଦଳ କର୍ମୀ ଓ ସମର୍ଥକ ଅପେକ୍ଷା କରିଛନ୍ତି।

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ବିଧାୟକ ବିକ୍ରମ ପଣ୍ଡାଙ୍କ ପକେଟ ଭୋଟ ଥିବା ସତ୍ତ୍ୱେ ବିଜେଡି ପକ୍ଷରୁ ତାଙ୍କୁ ଗୋପାଳପୁର ପ୍ରାର୍ଥୀ କରାଯାଇଥିଲା। ଆସନ କାହିଁକି ପରିବର୍ତ୍ତନ କରାଗଲା ସେ ନେଇ ଆରମ୍ଭରୁ ନାନା ଚର୍ଚ୍ଚା ହୋଇଥିଲା। ସେହିପରି ୮୨ ବର୍ଷୀୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପୁଣି ବ୍ରହ୍ମପୁର ଆସନ ଲାଗି ପ୍ରାର୍ଥୀ କରାଗଲା ତାହା ମଧ୍ୟ ଆଲୋଚନା ଓ ପର୍ଯ୍ୟାଲୋଚନା ପରିସରକୁ ଆସିଥିଲା। କଂଗ୍ରେସର ଅନ୍ତଃକନ୍ଦଳ ଯୋଗୁ ୧୯୯୫ ନିର୍ବାଚନରେ ଜନତା ଦଳରୁ ଏବଂ ୨୦୦୦ରୁ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ବିଜେଡିରୁ ସହଜରେ ନିର୍ବାଚିତ ହୋଇଥିଲେ ଚ୍ୟାଉ ପଟ୍ଟନାୟକ। ଏଥର ସେ ସଙ୍କଟରେ ପଡ଼ିଛନ୍ତି। ଭାଜପାର ନୂଆ ପ୍ରାର୍ଥୀ କେ. ଅନୀଲ କୁମାର ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରିଛନ୍ତି। ତେଲୁଗୁ ଭାଷାଭାଷି ବହୁଳ ଏହି ଆସନରେ ପ୍ରଥମ କରି ଜାତୀୟ ଦଳ ଭାଜପା ଅନିଲଙ୍କୁ ପ୍ରାର୍ଥୀ କରିଛି। ତେଲୁଗୁ ଭୋଟରଙ୍କ ସମର୍ଥନରେ ସେ ଜିତିବେ ବୋଲି ଆଶା ରଖିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରଚାର କରିଥିବାରୁ ମତଦାନ ପରେ ନିଶ୍ଚିତ ହୋଇଯାଇଛନ୍ତି। ଅନ୍ୟପକ୍ଷରେ ସହରରେ ନବୀନ ହାୱା ଥିବାରୁ ଜିତିବା ଆଶା ରଖିଛନ୍ତି ଚ୍ୟାଉବାବୁ। ତେବେ ଅନେକ ଜଣାଶୁଣା ବିଜେଡି ନେତା ଓ କର୍ମୀ ତାଙ୍କୁ ବିରୋଧ କରି ଦଳରୁ ଇସ୍ତଫା ଦେଇ ଭାଜପାରେ ମିଶିଥିଲେ। ତେଣୁ ଏହି ଆସନରେ ଜିତ୍ ହାର ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଦୁରାରୁ ନାମ ପରିବର୍ତ୍ତନ ହୋଇଥିବା ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ପ୍ରଥମେ ୨୦୦୦ ଏବଂ ପରେ ୨୦୦୯ରୁ ୨୦୧୯ ମଧ୍ୟରେ ହୋଇଥିବା ନିର୍ବାଚନରେ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ସେଠାରେ ବିଜେଡିର ବିକ୍ରମଙ୍କ ସହିତ ସେହି ଆସନରୁ ଲଗାତର ୩ ଥର ପରାସ୍ତ ହୋଇଥିବା ଭାଜପାର ବିଭୂତି ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ଅଧ୍ୟକ୍ଷ ଜେ. ପି. ନଡ୍ଡା ପ୍ରଚାର କରିଥିବାରୁ ଏଥର ଜିତିବା ଆଶାରେ ଅଛନ୍ତି ବିଭୂତି।



